ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ରାମେଶ୍ୱର ଲାଲ ଗହଲୋଟ

ଡିସେମ୍ବର 14,1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ ]

ଶ୍ରମ ଆଇନ:

*ଶିଳ୍ପ ବିବାଦ ଅଧିନିୟମ, 1947 :ଧାରା 2 (00) (bb) 25F । 3 ମାସ ପାଇଁ କିମ୍ବା ନିୟମିତ ଭାବରେ ମନୋନୀତ ପ୍ରାର୍ଥୀ କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ଅସ୍ଥାୟୀ ନିଯୁକ୍ତି-ନିଯୁକ୍ତି ପତ୍ର ଅନୁଯାୟୀ 240 ଦିନର ଚାକିରି ପରେ କର୍ମଚାରୀଙ୍କ ନିଯୁକ୍ତି ସମାପ୍ତ ହୋଇଛି -ସେବା ସମାପ୍ତି ବିରୋଧରେ ଆଜ୍ଞାଦେଶ ଆବେଦନ ଦାଖଲ-ଏକକ ବିଚାରପତି ସେବା ସମାପ୍ତ ଅଧିନିୟମର ଧାରା 25F ଉଲ୍ଲଂଘନ ବୋଲି ନିର୍ଣ୍ଣୟ କଲେ ଏବଂ କର୍ମଚାରୀଙ୍କ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ-ଆଦେଶର ଶେଷ ଭାଗ ବିରୁଦ୍ଧରେ ଆବେଦନ ଦାଖଲ କରାଯାଇଛି-ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ କର୍ମଚାରୀଙ୍କୁ ବକେୟା ମଜୁରି ସହିତ ପୁନଃସ୍ଥାପନ କରିବାକୁ ଆଦେଶ ଦେଇଥିଲେ- ନିର୍ଣ୍ଣୟ ହେଲା : ନିଯୁକ୍ତି ପତ୍ର ଅନୁଯାୟୀ ସେବା ସମାପ୍ତି ହୋଇଥିବାରୁ ପୁନଃସ୍ଥାପନ କିମ୍ବା ନୂତନ ନିଯୁକ୍ତି ହୋଇପାରିବ ନାହିଁ-ତେଣୁ, ସେବା ସମାପ୍ତି ବେଆଇନ ନଥିଲା-ଯେହେତୁ କର୍ମଚାରୀଙ୍କୁ ନୂତନ ଭାବରେ ନିଯୁକ୍ତି ଦିଆଯାଇଥିଲା ଏବଂ ଏକକ ବିଚାରପତିଙ୍କ ଆଦେଶକୁ ଆପତ୍ତି କରାଯାଇ ନଥିଲା, ସେ ନିୟମିତ ପଦାଧିକାରୀ କାର୍ଯ୍ୟ ଗ୍ରହଣ କରିବା ପର୍ଯ୍ୟନ୍ତ ସେବାରେ ରହିବେ-ତଥାପି, ସେ ବକେୟା ମଜୁରି ଫେରି ପାଇବା ପାଇଁ ହକଦାର ନଥିଲେ ।*

**ଉତ୍ତରଦାତାଙ୍କୁ ତିନି ମାସ ପାଇଁ କିମ୍ବା ନିୟମିତ ଭାବରେ ମନୋନୀତ ପ୍ରାର୍ଥୀ କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା । ତାଙ୍କର ନିଯୁକ୍ତି 240 ଦିନ ପରେ ସମାପ୍ତ ହୋଇଥିଲା । ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଯାହାକୁ ଜଣେ ଏକକ ବିଚାରପତି ଏହି ଆଧାରରେ ଅନୁମତି ଦେଇଥିଲେ ଯେ ଉତ୍ତରଦାତା 240 ଦିନରୁ ଅଧିକ ସମୟ ଚାକିରି କରିଥିବାରୁ, ଏହି ଅବସର, ଶିଳ୍ପ ବିବାଦ ଅଧିନିୟମ, 1947ର ଧାରା 25F ର ଉଲ୍ଲଂଘନ ଅଟେ । ଆବେଦନକାରୀମାନଙ୍କୁ ଉତ୍ତରଦାତାଙ୍କୁ ନୂତନ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ସମ୍ମୁଖରେ ଆଦେଶର ଶେଷ ଭାଗ ବିରୁଦ୍ଧରେ ଦାୟର କରିଥିଲେ ଯାହା ଆଦେଶର ଶେଷ ଭାଗକୁ ବାତିଲ କରିଦେଇଥିଲେ ଏବଂ ବକେୟା ମଜୁରୀ ସହିତ ପୁନଃସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲା ।**

**ଉତ୍ତରଦାତାଙ୍କ ପକ୍ଷରୁ ଏହା ଯୁକ୍ତି ଦର୍ଶାଯାଇଥିଲା ଯେ ଯେହେତୁ ଆବେଦନକାରୀ ଏକକ ବିଚାରପତିଙ୍କ ଆଦେଶକୁ ଆପତ୍ତି କରିନଥିଲେ, ତେଣୁ ସେବା ସମାପ୍ତି ଚୂଡ଼ାନ୍ତ ହୋଇଗଲା । ତେଣୁ, ଆବେଦନକାରୀ ପୁନଃସ୍ଥାପନ ପରେ ଉତ୍ତରଦାତାଙ୍କୁ ପିଛିଲା ମଜୁରୀ ଫେରାଇବାକୁ ଦାୟୀ ଥିଲେ ।**

**ଏହି ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇ,**

**ନିର୍ଣ୍ଣୟ ହେଲା 1.1 ଯେତେବେଳେ ନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଥିଲା, ଯେପର୍ଯ୍ୟନ୍ତ ଶିଳ୍ପ ବିବାଦ ଅଧିନିୟମର ଧାରା 2 (00) (bb)/1947 ଅନୁଯାୟୀ କ୍ଷମତାର ଅପବ୍ୟବହାର କିମ୍ବା ଏହାର ଦୁରାଭିସନ୍ଧି ଦ୍ୱାରା ବ୍ୟର୍ଥ ହୋଇନାହିଁ , ତେବେ ଏହା କୁହାଯାଇପାରିବ ନାହିଁ ଯେ ସେବା ସମାପ୍ତି ବେଆଇନ ଅଟେ । ଏହାର ଅନୁପସ୍ଥିତିରେ, ନିଯୁକ୍ତିଦାତା ନିଯୁକ୍ତି ପତ୍ରର ଅବଧି ଅନୁଯାୟୀ ସେବା ସମାପ୍ତ କରିପାରିବେ, ଯେପର୍ଯ୍ୟନ୍ତ ଏହା କ୍ଷମତାର ଏକ ଉପଯୁକ୍ତ ପ୍ରୟୋଗ ନୁହଁ । ଏହା ପ୍ରତ୍ୟେକ ମାମଲାରେ ପ୍ରତିଷ୍ଠିତ ହେବା ଆବଶ୍ୟକ ଯେ ପରିଚାଳକଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାର କରାଯାଇଥିଲା କିମ୍ବା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ନିଯୁକ୍ତି କ୍ଷମତାର ଏକ ଉପଯୁକ୍ତ ପ୍ରୟୋଗ ଥିଲା । ଏକକ ବିଚାରପତି କିମ୍ବା ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଏହି ସପକ୍ଷରେ କୌଣସି ନିର୍ଣ୍ଣୟ ନଥିଭୁକ୍ତ କରି ନାହାଁନ୍ତି । ତେଣୁ, ଯେଉଁଠାରେ ନିଯୁକ୍ତି ସମାପ୍ତି ପତ୍ରର ଖଣ୍ଡ (bb) ଅନୁଯାୟୀ ସରଂକ୍ଷିତ ହୋଇଥାଏ, ସେଠାରେ ପୁନଃସ୍ଥାପନ କିମ୍ବା ନୂତନ ନିଯୁକ୍ତି କରାଯାଇପାରିବ ନାହିଁ । ଯେହେତୁ ଆବେଦନକାରୀ ଏକକ ବିଚାରପତିଙ୍କ ଆଦେଶ ବିରୁଦ୍ଧରେ କୌଣସି ଆବେଦନ କରିନାହାଁନ୍ତି ଏବଂ ଉତ୍ତରଦାତାଙ୍କୁ ନୂତନ ଭାବରେ ନିଯୁକ୍ତି ଦିଆଯାଇଛି, ତେଣୁ ସେ ମୂଳ ନିର୍ଦ୍ଦେଶ ଅନୁଯାୟୀ ନିୟମିତ ପଦାଧିକାରୀ କାର୍ଯ୍ୟ ଗ୍ରହଣ କରିବା ପର୍ଯ୍ୟନ୍ତ ସେବା ଜାରି ରଖିବେ । [675- E- F]**

ଏମ୍. ଭେନୁଗୋପାଳ ବନାମ ମଣ୍ଡଳୀୟ ପରିଚାଳକ, LIC., [1994] 2 SCC 323 ଉପରେ ନିର୍ଭରଶୀଳ କରାଗଲା ।

**1.2. ଯେହେତୁ ଆଦେଶଟି ନିଯୁକ୍ତି ପତ୍ର ଅନୁଯାୟୀ ବୋଲି ଜଣାପଡୁଛି, ଉତ୍ତରଦାତା ମଜୁରୀ ଫେରାଇବା ପାଇଁ ହକଦାର ନୁହଁନ୍ତି । ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ବକେୟା ମଜୁରୀ ପ୍ରଦାନ ନିର୍ଦ୍ଦେଶ ଦେବାରେ ଭୁଲ ଥିଲେ । [675- G]**

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 12056/1995 ।

D.B.C.S.A. ସଂଖ୍ୟା 292/1992ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର 26.4.94ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଅରୁଣେଶ୍ୱର ଗୁପ୍ତାଙ୍କ ପକ୍ଷରୁ ମନୋଜ କେ ଆର ଦାସ ।

ଉତ୍ତରଦାତାଙ୍କ ପକ୍ଷରୁ କୁମାରୀ ପ୍ରତିଭା ଜୈନ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷଙ୍କ ଓକିଲଙ୍କ କଥା ଶୁଣୁଛୁ ।ଏହି ଆବେଦନ ବିଶେଷ ଅନୁମତି ଦ୍ୱାରା ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା 26 ଏପ୍ରିଲ୍ 1994 ତାରିଖରେ ଦେୱାନୀ ସ୍ୱତନ୍ତ୍ର ଆବେଦନ ସଂଖ୍ୟା 292/92ରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ଏହି ନିର୍ବିବାଦୀୟ ତଥ୍ୟ ହେଉଛି ଯେ ଉତ୍ତରଦାତାଙ୍କୁ ତିନି ମାସ ପାଇଁ କିମ୍ବା ନିୟମିତ ଭାବରେ ମନୋନୀତ ପ୍ରାର୍ଥୀ କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା । ତାଙ୍କୁ ଜାନୁଆରୀ 28, 1988ରେ ନିଯୁକ୍ତି ଦିଆଯାଇଥିଲା ଏବଂ ତାଙ୍କର ନିଯୁକ୍ତି 19 ନଭେମ୍ବର 1988ରେ ସମାପ୍ତ ହୋଇଥିଲା । ଯେତେବେଳେ ଆଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା, ସେତେବେଳେ ବିଜ୍ଞ ଏକକ ବିଚାରପତି ନିର୍ଣ୍ଣୟ କରିଥିଲେ ଯେ ଯେହେତୁ ସେ 240 ଦିନରୁ ଅଧିକ ସମୟ ପୂରଣ କରିଛନ୍ତି, ତେଣୁ ଏହି ସମାପ୍ତି ଶିଳ୍ପ ବିବାଦ ଅଧିନିୟମ, 1947 (ସଂକ୍ଷେପରେ, 'ଅଧିନିୟମ')ର ଧାରା 25F ର ଉଲ୍ଲଂଘନ କରୁଛି ଏବଂ ଉତ୍ତରଦାତାଙ୍କୁ ନୂତନ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଯେତେବେଳେ ଆଦେଶର ଶେଷ ଅଂଶ ବିରୁଦ୍ଧରେ ଆବେଦନ ଦାଖଲ କରାଯାଇଥିଲା, ସେତେବେଳେ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଆଦେଶର ଶେଷ ଅଂଶକୁ ବାତିଲ କରିଥିଲେ ଏବଂ  ପୂର୍ବ ମଜୁରୀ ସହିତ ପୁନଃସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ପରିବର୍ତ୍ତିତ ଆଦେଶ ବିରୁଦ୍ଧରେ, ବର୍ତ୍ତମାନର ଆବେଦନ ଦାୟର କରାଯାଇଥିଲା ।

ଏହି ବିବାଦ ବର୍ତ୍ତମାନ ଏହି ନ୍ୟାୟାଳୟର ଏକ ରାୟ ଦ୍ୱାରା ସମାପ୍ତ ହୋଇଛି ଯାହା ଏମ୍. ଭେନୁଗୋପାଳ ବନାମ ମଣ୍ଡଳୀୟ ପରିଚାଳକ, LIC, [1994] 2 SCC 323 ରେ ପ୍ରକାଶିତ ହୋଇଛି । ଏଥିରେ ନ୍ୟାୟାଳୟ କହିଛନ୍ତି ଯେ ଥରେ ଏକ ନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ହୋଇଗଲେ, ଧାରା 25F ପ୍ରଯୁଜ୍ୟ ହୁଏ ନାହିଁ କାରଣ ଏହା ଅଧିନିୟମର ଧାରା 2 (00) ର ଖଣ୍ଡ (bb) ଦ୍ୱାରା ଅନ୍ତର୍ଭୁକ୍ତ । ଏହା ଉତ୍ତରଦାତାଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଛି ଯେ ଯେହେତୁ ବିଜ୍ଞ ଏକକ ବିଚାରପତିଙ୍କ ଆଦେଶକୁ ଆପତ୍ତି କରାଯାଇନଥିଲା, ତେଣୁ ସମାପ୍ତି ଚୂଡ଼ାନ୍ତ ହୋଇଗଲା । ଫଳସ୍ୱରୂପ, ଆବେଦନକାରୀ ପୁନଃସ୍ଥାପନ ପରେ ପିଛିଲା ମଜୁରୀ ଫେରସ୍ତ କରିବାକୁ ଦାୟୀ ରହିବେ । ଆମର ବିଚାରଯୋଗ୍ୟ ଦୃଷ୍ଟିକୋଣରେ, ବିଜ୍ଞ ଏକକ ବିଚାରପତି ଏବଂ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ପ୍ରକାଶିତ ମତ ଆଇନଗତ ଭାବରେ ଭୁଲ । ଯେତେବେଳେ ନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ହୁଏ, ଯଦି ଏହା ଜଣାପଡ଼େ ନାହିଁ ଯେ ଧାରା 2 (00) ର ଖଣ୍ଡ (bb) ଅନୁଯାୟୀ କ୍ଷମତାର ଅପବ୍ୟବହାର କରାଯାଇଛି କିମ୍ବା ଏହାର ଦୁରଭିସନ୍ଧି ଦ୍ୱାରା ବ୍ୟର୍ଥ ହୋଇଛି, ତେବେ ଏହାକୁ ବେଆଇନ ବୋଲି ନିର୍ଣ୍ଣୟ କରାଯିବ ନାହିଁ । ଏହାର ଅନୁପସ୍ଥିତିରେ, ନିଯୁକ୍ତିଦାତା ସମାପ୍ତି କରିପାରିବେ ଯଦି ଏହା କ୍ଷମତାର ଉପଯୁକ୍ତ ପ୍ରୟୋଗ ହୋଇନାହିଁ  । ପ୍ରତ୍ୟେକ ମାମଲାରେ ଏହା ପ୍ରମାଣିତ ହେବା ଆବଶ୍ୟକ ଯେ ପରିଚାଳନା ଦ୍ୱାରା କ୍ଷମତାର ଅପବ୍ୟବହାର କରାଯାଇଥିଲା କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ନିଯୁକ୍ତି କ୍ଷମତାର ଏକ ଉପଯୁକ୍ତ ପ୍ରୟୋଗ ଥିଲା । ଦୁର୍ଭାଗ୍ୟବଶତଃ, ବିଜ୍ଞ ଏକକ ବିଚାରପତି କିମ୍ବା ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଏହି ସପକ୍ଷରେ କୌଣସି ନିର୍ଣ୍ଣୟ ନଥିଭୁକ୍ତ କରିନଥିଲେ । ତେଣୁ, ଯେଉଁଠାରେ ନିଯୁକ୍ତି ପତ୍ରର ସମାପ୍ତି ଖଣ୍ଡ (bb) ଦ୍ୱାରା ସଂରକ୍ଷିତ ହୋଇଥାଏ, ସେଠାରେ ପୁନଃସ୍ଥାପନ କିମ୍ବା ନୂତନ ନିଯୁକ୍ତି ଦିଆଯାଇପାରିବ ନାହିଁ । ଯେହେତୁ ଆବେଦନକାରୀ ବିଜ୍ଞ ଏକକ ବିଚାରପତିଙ୍କ ଆଦେଶ ବିରୁଦ୍ଧରେ କୌଣସି ଆବେଦନ ଦାଖଲ କରିନାହାଁନ୍ତି ଏବଂ ଉତ୍ତରଦାତାଙ୍କୁ ଜୁନ୍ 27, 1992 ରେ ନୂତନ ଭାବରେ ନିଯୁକ୍ତି ଦିଆଯାଇଥିଲା, ସେ ପର୍ଯ୍ୟନ୍ତ ସେ ଚାକିରିରେ ରହିବେ, ଯେପର୍ଯ୍ୟନ୍ତ ନିୟମିତ ପଦାଧିକାରୀ ମୂଳ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ଗ୍ରହଣ କରନ୍ତି ।

ତେବେ ପ୍ରଶ୍ନ ହେଉଛି ଯେ ଉତ୍ତରଦାତା ବକେୟା ମଜୁରୀ ପ୍ରଦାନ ପାଇଁ ହକଦାର କି । ଯେହେତୁ ଆଦେଶ ନିଯୁକ୍ତି ପତ୍ର ଅନୁଯାୟୀ ଜଣାପଡ଼ିଛି, ଉତ୍ତରଦାତା ବକେୟା ମଜୁରୀ ପ୍ରଦାନ ପାଇଁ ହକଦାର ନୁହଁନ୍ତି । ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ବକେୟା ମଜୁରୀ ପ୍ରଦାନ ନିର୍ଦ୍ଦେଶ ଦେବାରେ ଭୁଲ ଥିଲେ ।

ଆବେଦନକୁ ଉପରେ ଉଲ୍ଲେଖ କରାଯାଇଥିବା ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ।କୌଣସି ଖର୍ଚ୍ଚ ନାହିଁ।

ଭି. ଏସ୍. ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।